## ୫୫ ପଜିଟିଭ୍, ୪ ମୃତ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ଶୁକ୍ରବାର ୫୫ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବଅଁରପାଳ ବ୍ଲକର ୧୩, ଛେଣ୍ଡିପଦା ବ୍ଲକର ୯, ତାଳଚେର ବ୍ଲକର ୮, ଅନୁଗୋଳ ବ୍ଲକର ୭, ଅନୁଗୋଳ ପୌରାଞ୍ଚଳର ୬, କିଶୋରନଗର ବ୍ଲକର ୫, ଆଠମଲ୍ଲିକ ବ୍ଲକର ୪ ଏବଂ କଣିହାଁ ବ୍ଲକର ୩ ଜଣ ଅଛନ୍ତି। ଜିଲାରୁ ଦିନକରେ ୮୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିଭଳି କରୋନାରେ ୪ଜଣଙ୍କ ମୃତ୍ୟୁ ଘଟିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୨ ମୃତ

**ପାଲଲହଡ଼ା,୬।୮(ଡି.ଏନ୍.ଏ.):** ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅନ୍ତର୍ଗତ ବଡିସୂଆଁ ନିକଟରେ ଶୁକ୍ରବାର ରାତିରେ ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତାଳଚେର ବ୍ଲକ କଲିୟାରୀ ଥାନା ଚାଳଗଡ଼ ଗ୍ରାମର ଶୁଭମ୍ ରାଉତ ଏବଂ ପପିନ୍ ସାମଲ। ଉଭୟେ ବାଇକ୍ (ନଂ. ଓଡ଼ି ୩୫ ଡି ୫୧୧୯)ରେ ଯାଉଥିବାବେଳେ ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

### ଜଳିଗଲା ବାଇକ୍

**ଅନୁଗୋଳ ଅଫିସ, ୬।୮:** ଅନୁଗୋଳ ସ୍ୱୟଂଶାସିତ କଲେଜ ନିକଟରେ ଶୁକ୍ରବାର ଏକ ବାଇକ୍ ଜଳିଯାଇଛି। ଚାଳକ ସ୍ଥାନୀୟ ହାକିମ୍‌ପଡ଼ା ଅଞ୍ଚଳର ଅଜୟ କୁମାର ଦେଓ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଅଜୟ କୌଣସି କାର୍ଯ୍ୟରେ ବଜାରକୁ ଆସିଥିବାବେଳେ କଲେଜ ସମ୍ମୁଖରେ ଗାଡ଼ିରୁ ଧୂଆଁ ବାହାରିଥିଲା। ପ୍ରତ୍ୟକ୍ଷଦର୍ଶୀ ଏହା ଦେଖି ଅବଗତ କରାଇବା ପରେ ଅଜୟ ଗାଡ଼ି ଛାଡ଼ି ଚାଲି ଆସିଥିଲେ। ଏହାର କିଛି ସମୟ ପରେ ଗାଡ଼ିଟି ଜଳିଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବୈଷୟିକ ତ୍ରୁଟିରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

### ଲୁଟ୍ ମାମଲା, ୨ ଗିରଫ

**କଣିହାଁ, ୬।୮(ଡି.ଏନ୍.ଏ.):** ଅନୁଗୋଳ ଜିଲା ଏନ୍‌ଟିପିସି ଥାନା ପୋଲିସ ଶୁକ୍ରବାର ଲୁଟ୍ ମାମଲାରେ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗୁରୁବାର ଅପରାହ୍ନରେ ସମ୍ପୃକ୍ତ ୨ ଅଭିଯୁକ୍ତ ତେଲିସିଙ୍ଗା ରୋଡ୍‌ରେ ୟୁକେସେଭେନ ଇନଫ୍ରା ଭେଞ୍ଚର୍ସ ଲିମିଟେଡ୍‌ର ଏକ ପିକ୍‌ଅପ୍ ଭ୍ୟାନ୍, ଡ୍ରାଇଭରଙ୍କଠାରୁ ୪୦୦୦ ଟଙ୍କା ଏବଂ ମୋବାଇଲ ଲୁଟି ନେଇଥିଲେ। ଏ ନେଇ କମ୍ପାନୀର କର୍ମଚାରୀ ନନ୍ଦଲାଲ ପିଙ୍ଗୁଆଙ୍କ ଅଭିଯୋଗକ୍ରମେ ନଂ.୧୧୭/୨୦୨୧ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କଠାରୁ ଚୋରି ପିକ୍‌ଅପ୍ ଭ୍ୟାନ୍, ମୋବାଇଲ୍ ଫୋନ ଏବଂ ଚୋରିରେ ବ୍ୟବହୃତ ବାଇକ୍ ଜବତ କରିଛି।

### କେନାଲରେ ବୁଡ଼ି ଯୁବକ ମୃତ

**କଣିହାଁ, ୬।୮(ଡି.ଏନ୍.ଏ.):** ଅନୁଗୋଳ ଜିଲା ସମଲ ବ୍ୟାରେଜ ବାମପାର୍ଶ୍ୱ କେନାଲରେ ବୁଡ଼ି ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁଲେଇ ଗ୍ରାମର ମିଥୁନ ସାହୁ (୨୮)। ମିଥୁନ ଅପରାହ୍ନରେ ଗାଧୋଇବା ଲାଗି ଯାଇଥିବାବେଳେ କେନାଲର ପ୍ରଖର ସ୍ରୋତରେ ଭାସିଯାଇଥିଲେ। କଣିହାଁ ଅଗ୍ନିଶମ ଅଧିକାରୀ ରୋହିତ ବେହେରାଙ୍କ ନେତୃତ୍ୱରେ ଘଣ୍ଟାଏ ଧରି ଖୋଜାଖୋଜି କରାଯିବାପରେ ମିଥୁନଙ୍କ ମୃତଦେହ ମିଳିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଏ ନେଇ ନଂ. ୭/୨୧ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଲବ ବୋଡ଼ା ପ୍ରକାଶ କରିଛନ୍ତି।

### କୁଟୁରାକୁ ଝୁଣି ମାରିଦେଲେ କୁକୁର



**କାମାକ୍ଷାନଗର, ୬।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କଣ୍ଟାପାଳ କଲୋନୀ-୧ ଗ୍ରାମ ଭିତରକୁ ଶୁକ୍ରବାର ପଶି ଆସିଥିବା ଏକ କୁଟୁରାକୁ କୁକୁର ପଲ ଝୁଣି ମାରି ଦେଇଛନ୍ତି। ମୃତ କୁଟୁରାର ଆନୁମାନିକ ବୟସ ୪ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। କୁଟୁରାଟି ନିକଟ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଚାଲି ଆସିଥିବାବେଳେ ବୁଲା କୁକୁର ପଲ ହାବୁଡ଼ରେ ପଡ଼ିଯାଇଥିଲା। ସୂଚନା ପାଇ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍ ଅଧିକାରୀ ବିଭୁଦାନନ୍ଦ ମିଶ୍ର, କଙ୍କଡାହାଡ଼ ବନ ବିଭାଗ କର୍ମଚାରୀ ପହଞ୍ଚି କୁଟୁରାର ମୃତଦେହ ବ୍ୟବଚ୍ଛେଦ କରାଇଥିଲେ। ଏ ନେଇ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ସତ୍ୟବିକ୍ରମ ତରାଇ କୁହନ୍ତି, କୁଟୁରା ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। କେହି ଠେଙ୍ଗାରେ ପିଟି ଦେଇଥିବା ଭଳି ଜଣାପଡୁଛି। ହୁଏତ କୁକୁର ପଲ ଆକ୍ରମଣ କରିବା ପରେ କେହି ଜଣେ ଠେଙ୍ଗାରେ କୁଟୁରାକୁ ମାରିବାକୁ ଉଦ୍ୟମ କରିଥାଇପାରନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ଏହାର କାରଣ ସ୍ପଷ୍ଟ ହେବ।

# ସୁରକ୍ଷିତ ରହିବ ସରକାରୀ ସମ୍ପତ୍ତି

- ଜବରଦଖଲ ରୋକିବାକୁ ଅନୁଗୋଳ ପୌରପାଳିକାର ଅଭିନବ ପ୍ରୟାସ
- ଅକ୍ଟୋବର ୨ରୁ ପୌରାଞ୍ଚଳରେ ଆରମ୍ଭ ହେବ 'ଇଲିସି' କାର୍ଯ୍ୟକ୍ରମ
- ପ୍ରତି ମାସରେ ଡ୍ରୋନ୍ ମ୍ୟାପିଂ, ସାଟେଲାଇଟ୍ ଫୋନ୍ ଧରିବେ ପୌର କର୍ମଚାରୀ

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ, ୬।୮**

ଅନୁଗୋଳ ପୌରାଞ୍ଚଳରେ ଆଉ ଦେଖାଦେବନି ଜବରଦଖଲ ସମସ୍ୟା। ଏଠାରେ ଥିବା ସରକାରୀ ସମ୍ପତ୍ତି ଉନ୍ନୟନ କାର୍ଯ୍ୟ ନିମନ୍ତେ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ। କୌଣସି ସ୍ଥାନକୁ କେହି ଅକ୍ତିଆର କରିବାକୁ ଉଦ୍ୟମ କରିବା ମାତ୍ରେ ତୁରନ୍ତ ଖବର ପହଞ୍ଚିବ ପୌରପାଳିକା ନିକଟରେ। ଏପରି କି ପ୍ରତି ମାସରେ ଡ୍ରୋନ୍ ମ୍ୟାପିଂ କରାଯାଇ ତାହାକୁ ମୂଳ ମ୍ୟାପ ସହ ମିଳାଇ ନିଆଯିବ। ଫଳରେ କୌଣସି ବାହୁବଳୀ କି ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିବାକୁ ଉଦ୍ୟମ କରିଥିଲେ, ତୁରନ୍ତ ତାହା ପୌର ପ୍ରଶାସନ ଜାଣିପାରି ଉଚ୍ଛେଦ କରିପାରିବ। ଆସନ୍ତା ଅକ୍ଟୋବର ୨ ତାରିଖରୁ ଅନୁଗୋଳ ପୌରାଞ୍ଚଳରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ଇଣ୍ଟେଲିଜେଣ୍ଟ ଲ୍ୟାଣ୍ଡ ଇନ୍‌ଫରମେଶନ୍ ସିଷ୍ଟମ୍ ବା ଇଏଲ୍‌ଆଇସି (ଇଲିସି) ଦ୍ୱାରା



ଜିଲାପାଳ ଅନୁଗୋଳ ସହରାଞ୍ଚଳ ମ୍ୟାପ୍ ନିରୀକ୍ଷଣ କରୁଛନ୍ତି।




ଏହା ସମ୍ଭବ ହୋଇପାରିବ। ପୌରପାଳିକା ପକ୍ଷରୁ ଏହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବା ସହ ଜିଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଛି।

ଅନୁଗୋଳ ପୌରାଞ୍ଚଳରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଗୁରୁବାର ପୌର ପ୍ରଶାସକ ତଥା ଜିଲାପାଳଙ୍କ କାର୍ଯ୍ୟାଳୟରେ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୌରପାଳିକା ପକ୍ଷରୁ ଏକ କମାଣ୍ଡ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଏଥିରେ ସହରର ପ୍ରତି ଅଞ୍ଚଳର ତଥ୍ୟ ରହିବ। ପ୍ରତି ମାସରେ ସହରକୁ ଡ୍ରୋନ୍ ମ୍ୟାପିଂ କରାଯାଇ ଏହାର ତଥ୍ୟ, ଫଟୋକୁ କମ୍ପ୍ୟୁଟରରେ ଅପ୍‌ଲୋଡ୍ କରାଯିବ। ସହରର କେଉଁ ସ୍ଥାନରେ କିଛି ପରିବର୍ତ୍ତନ ହୋଇଥିଲେ ତୁରନ୍ତ ତାହା ସଫ୍ଟୱେର ମାଧ୍ୟମରେ ଧରାପଡ଼ିଯିବ। ସେହିପରି ସହରର ଗଳିକନ୍ଦିରେ ସିସିଟିଭି କ୍ୟାମେରା ଲଗାଯିବ। ୨୦ ପୌର କର୍ମଚାରୀଙ୍କୁ ସାଟେଲାଇଟ ଫୋନ୍ ଦିଆଯିବ। ଏହି କାର୍ଯ୍ୟକ୍ରମରେ ପୌରପାଳିକା ୧୭ଟି ଲାଭ ପାଇବ। ସହରରେ ଥିବା ଖାଲିସ୍ଥାନ, ଜଳାଶୟ, ପରିମଳ ଭଳି ବ୍ୟବସ୍ଥାକୁ ପରଖା ଯାଇପାରିବ। କେଉଁ ଅଞ୍ଚଳରେ ପାଣି ଜମୁଛି, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି, ଜବରଦଖଲ କରାଯାଇଛି ତାହା ଜଣାପଡ଼ିବ। ସେହିପରି ସହରରେ ଥିବା କେମିକାଲ ଡିପୋ, ଖାଦ୍ୟ ଗୋଦାମ, ଲାବୋରେଟୋରି ଆଦି

### ସୁବିଧା ପାଇବେ ସାଧାରଣ ଜନତା



ଅନୁଗୋଳ ସହରରେ ଇଣ୍ଟେଲିଜେଣ୍ଟ ଲ୍ୟାଣ୍ଡ୍ ଇନ୍‌ଫରମେଶନ୍ ସିଷ୍ଟମ୍ କାର୍ଯ୍ୟକାରୀ ହେବା ପରେ ଏହାର ସୁଫଳ ଜନସାଧାରଣଙ୍କୁ ମିଳିବ। ପୌରସଂସ୍ଥା ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବ। ସରକାରୀ ଜାଗା ସମେତ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ନଜର ରଖିବା ସହଜ ହେବ।

**-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ**

### ପ୍ରଶାସନର ରାଜସ୍ୱ ବୃଦ୍ଧି ହେବ



ଅନୁଗୋଳ ପୌରପାଳିକାରେ ଇଲିସି କାର୍ଯ୍ୟକ୍ରମ ଆରମ୍ଭ ହେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ସହରାଞ୍ଚଳରେ ଜବରଦଖଲ ସମସ୍ୟାରୁ ମୁକ୍ତି ମିଳିବ। ରାଜସ୍ୱ ମଧ୍ୟ ବଢ଼ିବ। ସହର ସୀମାନ୍ତରେ ରହୁଥିବା ଲୋକଙ୍କ ସମସ୍ୟା ଦୂର ହେବ।

**-ଧରଣୀଧର ନାଥ, ଅବସରପ୍ରାପ୍ତ ପ୍ରଶାସକ**

### ଲୋକାଭିମୁଖୀ ପଦକ୍ଷେପ



ଇଣ୍ଟେଲିଜେଣ୍ଟ ଲ୍ୟାଣ୍ଡ ଇନ୍‌ଫରମେଶନ୍ ସିଷ୍ଟମ୍ ଏକ ଲୋକାଭିମୁଖୀ ପଦକ୍ଷେପ। ଅତ୍ୟାଧୁନିକ ଟେକ୍ନୋଲୋଜି ମାଧ୍ୟମରେ ପ୍ରଶାସନ ନିକଟରେ ସମସ୍ତ ତଥ୍ୟ ରହିବ। ଜମି ଦଲାଲମାନେ ସାବାଡ୍ ହେବେ। ମୂଲ୍ୟବାନ ଜମି ସୁରକ୍ଷିତ ରହିବ।

**- ପ୍ରଫେସର ଶାନ୍ତନୁ ସର, ଅବସରପ୍ରାପ୍ତ ଅଧ୍ୟକ୍ଷ**

ଉପରେ ନଜର ରଖାଯାଇପାରିବ। ଏଥିସହ ସହରର କେଉଁ ଘରୁ ରାଜସ୍ୱ ଆଦାୟ ହେଉଛି, କେଉଁ ଅଞ୍ଚଳରୁ କେତେ ଅଳିଆ ସଂଗ୍ରହ କରାଯାଉଛି, ତାହାର ସମସ୍ତ ତଥ୍ୟ ଏହି 'ଇଲିସି'ରେ ରହିବ। ପୌରାଞ୍ଚଳବାସୀ ଚାହିଁଲେ ଉକ୍ତ ତଥ୍ୟ ଇଲିସି ଆପ୍ କମ୍ବା ୱେବସାଇଟ୍‌ରୁ ପାଇପାରିବେ। ଏଥିରେ ଲୋକମାନେ ଅଭିଯୋଗ କରିବାର ସୁବିଧା ମଧ୍ୟ ରହିଛି। କୌଣସି ଅଭିଯୋଗ ଆସିବା ମାତ୍ରେ ବିଭିନ୍ନ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ୟାର ସମାଧାନ କରିବେ। ବିଦ୍ୟୁତ୍, ପରିମଳ, ଟ୍ୟାକ୍ସ, ଏନ୍‌ଫୋର୍ସମେଣ୍ଟ, ରାଜସ୍ୱ, ଇଞ୍ଜିନିୟରିଂ ବିଭାଗକୁ ଏଥିରେ ସାମିଲ କରାଯିବ। ଏହି କର୍ମଚାରୀମାନେ ସାଟେଲାଇଟ୍ ଫୋନ୍ ଧରି ସହରର ବିଭିନ୍ନ ସ୍ଥାନ ଅନୁଧ୍ୟାନ କରି ସମସ୍ୟା ଥିଲେ ସୂଚନା ଦେବେ। ଘଟଣା ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ସହରାଞ୍ଚଳରେ 'ଇଲିସି' କାର୍ଯ୍ୟକାରୀ ହେବ। ଏହାଦ୍ୱାରା ସହର ସମ୍ପୂର୍ଣ୍ଣ ଭାବେ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରହିବ। ଏ ନେଇ ଟେଣ୍ଡର ଡକାଯିବାର ବ୍ୟବସ୍ଥା ହେଉଛି। ଜିଲାପାଳଙ୍କ ନିକଟରେ ସହରର ମ୍ୟାପ୍ ଅନୁଧ୍ୟାନ କରାଯାଇଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

## କଂଗ୍ରେସ ନେତାଙ୍କ ରାସ୍ତାରୋକୋ



**ପରଜଙ୍ଗ, ୬।୮(ଡି.ଏନ୍.ଏ.)**

ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ଜଣେ ସାମାଜିକ କର୍ମୀଙ୍କୁ ଶାସକ ଦଳ ପ୍ରରୋଚନାରେ ପୋଲିସ ଉଠାଇ ନେଇଥିବା ଅଭିଯୋଗ କରିଛନ୍ତି ପରଜଙ୍ଗ ବ୍ଲକର ଯୁବ କଂଗ୍ରେସ ନେତା ଦିଲୀପ ନାଥ। ଏହାର ପ୍ରତିବାଦରେ ସେ ନିଜ ସହଯୋଗୀଙ୍କ ସହ ଶୁକ୍ରବାର ଆଖୁଆପାଳ ପଞ୍ଚାୟତର ରଙ୍ଗଥଳି ନିକଟରେ ୧୪୯ନଂ. ରାଜପଥ ଅବରୋଧ କରିଥିଲେ। ଫଳରେ ୨ ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦିଲୀପ କହିଛନ୍ତି, ସାମାଜିକ କର୍ମୀ ସୁଦର୍ଶନ ସିଂ ଆଖୁଆପାଳ ପଞ୍ଚାୟତରେ ସରକାର ଯୋଜନାରେ ହୋଇଥିବା ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏଥିରେ ଆକ୍ରୋଶ ରଖି ଶାସକ ଦଳର ନେତା ପୋଲିସ ଲଗାଇ ତାଙ୍କୁ ଉଠାଇ ନେଇଛନ୍ତି। ଏ ନେଇ ସରପଞ୍ଚ ତଥା ବିଜେଡି ନେତା ପ୍ରଦୀପ କୁମାର ବେହେରା କୁହନ୍ତି, ସୁଦର୍ଶନଙ୍କ ନାମରେ ଗଣ୍ଡଗୋଳ କରିବା ଅଭିଯୋଗ ହୋଇଥିଲା। ତେଣୁ ତାଙ୍କୁ ପୋଲିସ ପଚରାଉଚୁରା କରିବାକୁ ନେଇଛି। ଫାଣ୍ଡି ଅଧିକାରୀ ସୁଜିତ ସାହୁ କୁହନ୍ତି, ସୁଦର୍ଶନଙ୍କ ନାମରେ ଜଣେ ବ୍ୟକ୍ତି ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ପଚରାଉଚୁରା କରାଯିବା ପରେ ଛାଡ଼ି ଦିଆଯାଇଛି।

# ଅନୁଗୋଳ ବ୍ଲକକୁ ଆସିବ ମହାନଦୀ ପାଣି

**ଅନୁଗୋଳ ଅଫିସ, ୬।୮**

ଅନୁଗୋଳ ବ୍ଲକର ପ୍ରାୟ ୨୭ ପଞ୍ଚାୟତବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହେବ। ମହାନଦୀରୁ ମେଗା ପାନୀୟ ଜଳପ୍ରକଳ୍ପ ମାଧ୍ୟମରେ ଲୋକମାନେ ପାଇବେ ପିଇବା ପାଣି। ଏ ନେଇ ଆରମ୍ଭ ହୋଇଛି ପ୍ରସ୍ତୁତି। ଶୁକ୍ରବାର ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଆରଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ବିକାଶ ଦାସ, ସହକାରୀ ଯନ୍ତ୍ରୀ ଯୁଧିଷ୍ଠିର ପତି, କନିଷ୍ଠ ଯନ୍ତ୍ରୀ, ନାବାର୍ଡର ଡିଜିଏମ୍, ଅରୁଣାଭ ସିଂ, ସରୋଜ ନାରାୟଣ ସାହୁ, ସରୋଜ ପଟ୍ଟନାୟକ, ସତ୍ୟବ୍ରତ ବେହେରା, ସରୋଜ ନାଏକ, ରାକେଶ ନନ୍ଦ, ଲୋଚନ ସାହୁ, ମଣ୍ଟୁ ବରାହ ପ୍ରମୁଖ ଟିକରପଡ଼ାସ୍ଥିତ ବେହେରା ସାହିରେ ପହଞ୍ଚି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦୁଇ ମାସ ମଧ୍ୟରେ ସର୍ଭେ କାର୍ଯ୍ୟ ଶେଷ ହେବ। ଏହାର ରିପୋର୍ଟ ଆଧାରରେ ଟେଣ୍ଡର କରାଯିବା ପରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିବା ସୂଚନା ଦିଆଯାଇଥିଲା।



ବିଧାୟକ ରଜନୀକାନ୍ତ ସିଂ, ରମେଶ ଚନ୍ଦ୍ର ସାଏଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରକଳ୍ପ ନିର୍ମାଣ ସ୍ଥଳ ଅନୁଧ୍ୟାନ କରୁଛନ୍ତି।

## ହାତୀ ଉପଦ୍ରବ, ଲୋକେ ଆତଙ୍କିତ

**ବଇଁଣ୍ଡା, ୬।୮(ଡି.ଏନ୍.ଏ.)**

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ୍ ପାର୍ବତୀପୁର, ଧୁଣ୍ଡି, ବଡହୁଲା, ଜାମୁନାଳି ଅଞ୍ଚଳରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବାକୁ ପଦକ୍ଷେପ ନିଆଯାଉ ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ନିକଟସ୍ଥ ଜଙ୍ଗଲରୁ ୪ରୁ ଊର୍ଦ୍ଧ୍ୱ ହାତୀ ଗ୍ରାମାଭିମୁଖୀ ହୋଇ ପରିବା ଫସଲ, ଧାନ ଚାଷ ନଷ୍ଟ କରୁଛନ୍ତି। ଗ୍ରାମ ରାସ୍ତାରେ ସେମାନଙ୍କ ଉପସ୍ଥିତି ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ସନ୍ଧ୍ୟା ହେଲେ ଉପଦ୍ରୁତ ଅଞ୍ଚଳବାସୀ ପଦାକୁ ବାହାରିବାକୁ ଭୟ କରୁଛନ୍ତି। ରାତି ଉଜାଗର ରହି ନିଆଁହୁଳା ଜାଳିବା ସହ ବାଣ ଫୁଟାଇ ହାତୀ ଘଉଡ଼ାଉଛନ୍ତି। ଏହାର ପ୍ରତିକାର କରିବାକୁ ସେମାନେ ଦାବି କରିଛନ୍ତି। ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କୁହନ୍ତି, ହାତୀପଲ ଉପରେ ନଜର ରଖାଯାଇଛି। ସୂଚନା ପାଇଲେ ବନ କର୍ମଚାରୀ ପହଞ୍ଚି ହାତୀଙ୍କୁ ଘଉଡ଼ାଉଛନ୍ତି।

## ୫୦ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର



ଦିବ୍ୟାଙ୍ଗ ବିଜୟ କୁମାର ସାମଲଙ୍କୁ ୩ ଚକିଆ ଯାନ ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ, ୬।୮**

ଢେଙ୍କାନାଳ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପରିସରରେ ଶୁକ୍ରବାର କାମାକ୍ଷାନଗର ବ୍ଲକ ଅଞ୍ଚଳର ୫୦ ଜଣ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିମା ଦାସ ଉପସ୍ଥିତ ଥିଲେ। ବିଜୟ କୁମାର ସାମଲଙ୍କୁ ୩ ଚକିଆ ଯାନ ପ୍ରଦାନ କରାଯାଇଥିଲା। ସେହିପରି ଅସ୍ଥିଶଲ୍ୟ ସମସ୍ୟା ଭୋଗୁଥିବା ୨୧, ଶ୍ରବଣ ସମସ୍ୟା ଭୋଗୁଥିବା ୯, ରକ୍ତହୀନତା ସମସ୍ୟା ଭୋଗୁଥିବା ୪, ଦୃଷ୍ଟିବାଧିତ ୭ ଏବଂ ମାନସିକ ଅନଗ୍ରସରର ଶିକାର ହୋଇଥିବା ୯ ଜଣଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା' ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା, ଭୁବନେଶ୍ୱର ଆର୍ଟ ଅଫ୍ ଲିଭିଂର କବୀର ଚରଣ ସେଠୀ, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା, ମନୀଷା ସିଂ, ସଙ୍ଗୀତା ପ୍ରିୟଦର୍ଶିନୀ, ଅଭିଜିତ ଅଭିନନ୍ଦନ, ବିବେକ ନାୟକ, ଶୁଚିସ୍ମିତା ସେନ, ସମାପ୍ତିକା ହୋତା, ରୁଦ୍ରନାରାୟଣ ଷଡଙ୍ଗୀ, ସୌମ୍ୟା ମିଶ୍ର, ପ୍ରତିମା ଦାଶ, ସୁଶ୍ରୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଅନିନ୍ଦିତାଙ୍କୁ ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ, ୬।୮**

ଯୁକ୍ତ ୨ ବିଜ୍ଞାନରେ ୯୮% ମାର୍କ ରଖି ଅବିଭକ୍ତ ଢେଙ୍କାନାଳ ଜିଲାରେ ଟପ୍ପର ହୋଇଥିବା ସାଇକୃପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଅନିନ୍ଦିତା ମହାନ୍ତିଙ୍କୁ 'ଐରା' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ଜିଲା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ 'ଐରା' ପକ୍ଷରୁ ଅନିନ୍ଦିତାଙ୍କୁ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଐରା ନିର୍ଦ୍ଦେଶକ ସୁରେଶ ପଣ୍ଡା, ସାଇକୃପା ଆବାସିକ କଲେଜ ପରିଚାଳନା ପରିଷଦ ଚେୟାରମ୍ୟାନ ଅନ୍ନଦା ମହାନ୍ତି, ପ୍ରିନ୍ସିପାଲ ତୁଷାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅଭିଭାବକଙ୍କ ପ୍ରେରଣା ଏବଂ ଅଧ୍ୟାପିକା ଅଧ୍ୟାପକଙ୍କ ମାର୍ଗଦର୍ଶନରୁ ଏହା ସମ୍ଭବ ହୋଇପାରିଛି। ଭବିଷ୍ୟତରେ ଜଣେ ଆଇଏଏସ୍ ଅଧିକାରୀ ହୋଇ ଦେଶମାତୃକାର ସେବା କରିବା ଲାଗି ଲକ୍ଷ୍ୟ ରଖିଥିବା ଅନିନ୍ଦିତା କହିଛନ୍ତି।



ଅନିନ୍ଦିତାଙ୍କୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସମ୍ବର୍ଦ୍ଧିତ କରୁଛନ୍ତି।

## ଆଇନଜୀବୀଙ୍କୁ ଆକ୍ରମଣର ନିନ୍ଦା

**ଅନୁଗୋଳ ଅଫିସ, ୬।୮**

ବାଲେଶ୍ୱର ଜିଲା ସୋର ଥାନା ପରିସରରେ ଜଣେ ଆଇନଜୀବୀଙ୍କୁ ମାଡ଼ ମରାଯିବା ଘଟଣାକୁ ଅନୁଗୋଳ ଓକିଲ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଶୁକ୍ରବାର ସଂଘ ସଭାପତି ଦିଲୀପ ସାହୁଙ୍କ ଆବାହକତ୍ୱରେ ଜରୁରୀ ବୈଠକ ବସିଥିଲା। ପୋଲିସର ଏଭଳି କାର୍ଯ୍ୟକଳାପ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଉପସଭାପତି ନିରୋଦ ମିଶ୍ର, ସମ୍ପାଦକ ସୋମନାଥ ରାଉତ, ସଂସ୍କୃତି ସମ୍ପାଦକ ପ୍ରଦୀପ୍ତ କିଶୋର ସାହୁ, କୋଷାଧ୍ୟକ୍ଷ ନୀଳକଣ୍ଠ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏଚ୍ ମରାମତି ଦାବି

**ଅନୁଗୋଳ ଅଫିସ, ୬।୮**

ଅନୁଗୋଳ ଦେଇ ଯାଇଥିବା ୫୫ନଂ. ଏନ୍‌ଏଚ୍ ମରାମତି ପାଇଁ ଅନୁଗୋଳ ଓକିଲ ସଂଘ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବଅଁରପାଳଠାରୁ ରନ୍ତଲେଇ ପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜପଥ ମରାମତି ହେଉ ନ ଥିବାରୁ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏହାର ସମାଧାନ କରିବାକୁ ସଂଘ ଉପସଭାପତି ନିରୋଦ ମିଶ୍ର, ସମ୍ପାଦକ ସୋମନାଥ ରାଉତ, ସଂସ୍କୃତି ସମ୍ପାଦକ ପ୍ରଦୀପ୍ତ କିଶୋର ସାହୁ, ପାର୍ଥସାରଥି ପ୍ରଧାନ, ବିନୋଦ ବିହାରୀ ପ୍ରଧାନ, ଅଖିଳ ପ୍ରଧାନ, ଅମୂଲ୍ୟ ବେହେରା ପ୍ରମୁଖ ଦାବି କରିଛନ୍ତି।

# ୧୨ରୁ ଖୋଲିବ ଧର୍ମାନୁଷ୍ଠାନ



ଦେବୋତ୍ତର ଉପଦେଷ୍ଟା କମିଟି ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୬।୮**

- ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ମନ୍ଦିର ଦର୍ଶନ
- ରବିବାର, ସୋମବାର ବନ୍ଦ ରହିବ ଶୈବପୀଠ
- ଚର୍ଚ୍ଚ, ମସ୍‌ଜିଦ୍‌ରେ ଥରକେ ୨୦ ଜଣଙ୍କୁ ଅନୁମତି

ଢେଙ୍କାନାଳ ଜିଲାରେ କମୁଛି କରୋନା ସଂକ୍ରମଣ। ଏହାକୁ ଦୃଷ୍ଟିରେ ରଖି କଟକଣା ପାଳନ କରି ଧର୍ମାନୁଷ୍ଠାନ ଖୋଲିବାକୁ ନିଷ୍ପତ୍ତି ନେଇଛି ଜିଲା ପ୍ରଶାସନ। ତଦନୁଯାୟୀ ଆସନ୍ତା ୧୨ ତାରିଖରୁ ଶ୍ରଦ୍ଧାଳୁଙ୍କ ଲାଗି ସମସ୍ତ ଧର୍ମାନୁଷ୍ଠାନ ଖୋଲିବ। ଶୁକ୍ରବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଦେବୋତ୍ତର ଉପଦେଷ୍ଟା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ବୈଠକରେ ଅଧ୍ୟକ୍ଷତା କରି କହିଲେ, ମଠ, ମନ୍ଦିର ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ଖୋଲାରହିବ। ଶ୍ରାବଣ ମାସରେ ଶୈବପୀଠଗୁଡ଼ିକରେ ଅଧିକ ସଂଖ୍ୟାରେ ଭକ୍ତଙ୍କ ସମାଗମ ସମ୍ଭାବନା ରହିଛି। ତେଣୁ ଗହଳି ଏଡ଼ାଇବାକୁ ରବିବାର ଏବଂ ସୋମବାର ସମସ୍ତ ଶୈବପୀଠ ବନ୍ଦ ରହିବ। କୌଣସି ମନ୍ଦିରକୁ ଶ୍ରଦ୍ଧାଳୁମାନେ ପୂଜା ସାମଗ୍ରୀ ନେଇପାରିବେ ନାହିଁ। ସଂକ୍ରମଣ ଆଶଙ୍କା ଥିବାରୁ ଶିଶୁ, ବୟସ୍କ ଏବଂ ଗର୍ଭବତୀଙ୍କୁ ଧର୍ମପୀଠକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ସେହିପରି ଚର୍ଚ୍ଚ ଓ ମସ୍‌ଜିଦ୍‌ରେ ଥରକେ ସର୍ବାଧିକ ୨୦ଜଣଙ୍କୁ ପ୍ରାର୍ଥନା କରିବା ଲାଗି ଅନୁମତି ଦିଆଯାଇଛି।

ଧର୍ମାନୁଷ୍ଠାନରେ କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରାଯିବ। ପରିଚାଳନା କମିଟି ଏହାର ତଦାରଖ କରିବ। ଜନସାଧାରଣଙ୍କ ଧର୍ମୀୟ ଭାବନାକୁ ନଜରରେ ରଖି ଧର୍ମାନୁଷ୍ଠାନ ଖୋଲାଯାଇଛି। କରୋନା କଟକଣା ଉଲ୍ଲଂଘନ ହେଉଥିବା ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଭାରପ୍ରାପ୍ତ ଉପଜିଲାପାଳ ରବିନାରାୟଣ ତ୍ରିପାଠୀ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ହିନ୍ଦୋଳ ଉପଜିଲାପାଳ ଉଦୟ କୁମାର ମହାପାତ୍ରଙ୍କ ସମେତ ଦେବୋତ୍ତର ଉପଦେଷ୍ଟା କମିଟି ସଦସ୍ୟ, ବିଭିନ୍ନ ଧର୍ମାନୁଷ୍ଠାନର କାର୍ଯ୍ୟକର୍ତ୍ତା, ପୂଜକ ଯୋଗଦେଇଥିଲେ।

